# NATIONAL NEWS BULLETIN (ODIA)

## 3 March - 2025

## Evening Bulletin : 7.15 P.M.

*********************************

## ମୁଖ୍ୟ ସମ୍ବାଦ

- ଉଚ୍ଚଶିକ୍ଷା କ୍ଷେତ୍ର ସହିତ ସମ୍ପୃକ୍ତ ଅଷ୍ଟମ ଭିଜିଟର୍ସ୍ ପୁରସ୍କାର ନୂଆଦିଲ୍ଲୀରେ ପ୍ରଦାନ କଲେ ରାଷ୍ଟ୍ରପତି ।
- ବନ୍ୟପ୍ରାଣୀ ପରିଚାଳନାକୁ ଅଧିକ ସଶକ୍ତ କରିବା ଲାଗି କୃତ୍ରିମ ବୁଦ୍ଧିମତା ସହିତ ପାରମ୍ପରିକ ଜ୍ଞାନର ବହୁଳ ବ୍ୟବହାର ଉପରେ ପ୍ରଧାନମନ୍ତ୍ରୀଙ୍କ ଗୁରୁତ୍ୱାରୋପ ।
- ଦେଶରେ ମହିଳାଙ୍କ ସୁରକ୍ଷା ଏବଂ ସମ୍ମାନ ବଜାୟ ରଖିବା ଲାଗି ଭାରତୀୟ ଆଇନ୍‌କୁ ସଂଶୋଧନ କରିଛନ୍ତି ସରକାର, କହିଲେ ଆଇନ୍‌ମନ୍ତ୍ରୀ ।
- ବ୍ରିଟେନ୍ ଏବଂ ଆୟରଲାଣ୍ଡକୁ ଆସନ୍ତାକାଲିଠାରୁ ସରକାରୀ ଗସ୍ତରେ ଯିବେ ବୈଦେଶିକ ବ୍ୟାପାର ମନ୍ତ୍ରୀ ।

ଏବଂ

- ଆଇସିସି ଚାମ୍ପିୟନ୍ସ ଟ୍ରଫି କ୍ରିକେଟ୍ ପ୍ରତିଯୋଗିତାର ପ୍ରଥମ ସେମିଫାଇନାଲ୍‌ରେ ଆସନ୍ତାକାଲି ଭାରତ ଭେଟିବ ଅଷ୍ଟ୍ରେଲିଆକୁ ।

# ପ୍ରେଜ୍‌-ଆୱାର୍ଡ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀ ସ୍ଥିତ ରାଷ୍ଟ୍ରପତି ଭବନରେ ଉଚ୍ଚଶିକ୍ଷା କ୍ଷେତ୍ର ସହିତ ସମ୍ପୃକ୍ତ ଅଷ୍ଟମ ଭିଜିଟର୍ସ୍ ପୁରସ୍କାର ପ୍ରଦାନ କରିଛନ୍ତି । ଏହି ଅବସରରେ ଶ୍ରୀମତୀ ମୁର୍ମୁ କହିଛନ୍ତି, ବିଶ୍ୱସ୍ତରରେ ବେଶ୍ ସୁନାମ ଅର୍ଜନ କରିଥିବା ଅନେକ ଉଚ୍ଚ ଶିକ୍ଷାନୁଷ୍ଠାନ ଉନ୍ନତମାନର ଶିକ୍ଷା ଉପଲବ୍ଧ କରାଇବା ଦିଗରେ ଦେଶରେ କାର୍ଯ୍ୟ କରୁଛନ୍ତି । ତେବେ ଭାରତରେ ଗବେଷଣା କ୍ଷେତ୍ରକୁ ଅଧିକ ପ୍ରୋତ୍ସାହନ ଦେବା ଉପରେ ରାଷ୍ଟ୍ରପତି ଗୁରୁତ୍ୱାରୋପ କରିଛନ୍ତି । ଏତଦ୍‌ବ୍ୟତୀତ କୃତ୍ରିମ ବୁଦ୍ଧିମତା କ୍ଷେତ୍ରକୁ ଅଧିକ ସୁ-ସଂହତ କରିବା ଦିଗରେ ଅଭିନବ ପଦକ୍ଷେପ ନେବା ଲାଗି ଶ୍ରୀମତୀ ମୁର୍ମୁ ଏହି ଅବସରରେ ଦେଶର ଉଚ୍ଚଶିକ୍ଷାନୁଷ୍ଠାନ ଗୁଡ଼ିକୁ ଆହ୍ୱାନ ଦେଇଛନ୍ତି ।

**V/O-**

# ପିଏମ୍-ଗୁଜରାଟ

ବନ୍ୟପ୍ରାଣୀ ପରିଚାଳନାକୁ ଅଧିକ ସଶକ୍ତ କରିବା ଦିଗରେ କୃତ୍ରିମ ବୁଦ୍ଧିମତା ସହିତ ପାରମ୍ପରିକ ଜ୍ଞାନର ବହୁଳ ବ୍ୟବହାର କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆହ୍ୱାନ ଦେଇଛନ୍ତି ।  ଏଥିସହିତ

ଭାସ୍କରାଚାର୍ଯ୍ୟ ଅନ୍ତରୀକ୍ଷ ଅଣୁପ୍ରୟୋଗ ଓ ଭୂ-ସୂଚନା ବିଜ୍ଞାନ ସଂସ୍ଥାନ ଏବଂ ଭାରତୀୟ ବନ ସର୍ବେକ୍ଷଣ ମିଳିତ ଭାବେ ଜଙ୍ଗଲ ନିଆଁକୁ ନିୟନ୍ତ୍ରଣ କରିବା ସହିତ ବନ୍ୟଜନ୍ତୁ ସଂଘର୍ଷ ପ୍ରସଙ୍ଗରେ ଆଧୁନିକ ମେସିନ୍ ଓ କୃତ୍ରିମ ବୁଦ୍ଧିମତା ବ୍ୟବହାର କରିବା ଉପରେ ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଛନ୍ତି ।

ଆଜି ବିଶ୍ୱ ବନ୍ୟପ୍ରାଣୀ ସଂରକ୍ଷଣ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଜୁନାଗଡ଼ ଜିଲ୍ଲାର ଶାସନଗିରିଠାରେ ଅନୁଷ୍ଠିତ ଜାତୀୟ ବନ୍ୟଜନ୍ତୁ ବୋର୍ଡ୍‌ର ସପ୍ତମ ବୈଠକରେ ଅଧକ୍ଷତା କରି ଏହା କହିଛନ୍ତି । ଡଲଫିନ୍ ସଂରକ୍ଷଣ ଲାଗି ଜନସଚେତନତା ସୃଷ୍ଟି କରିବା ନିମନ୍ତେ ସମ୍ପୃକ୍ତ ଅଞ୍ଚଳର ଅଧିବାସୀଙ୍କୁ ଏଥିରେ ସାମିଲ କରିବା ଉପରେ ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଛନ୍ତି । ଏହି ବୈଠକରେ ପ୍ରଧାନମନ୍ତ୍ରୀ ଦେଶରେ ଡଲଫିନ୍ ଗଣନା ସମ୍ପର୍କିତ ରିପୋର୍ଟ୍ ଉନ୍ମୋଚନ କରିଥିଲେ । ରିପୋର୍ଟରୁ ମିଳିଥିବା ସୂଚନା ଅନୁଯାୟୀ ଦେଶରେ ମୋଟ୍ ୬ହଜାର ୩୨୭ଟି ଡଲଫିନ୍ ବର୍ତ୍ତମାନ ଅଛନ୍ତି । ଦେଶର ୮ଟି ରାଜ୍ୟରେ ଥିବା ପ୍ରାୟ ୮ ହଜାର ୫୦୦ କିଲୋମିଟର ଦୀର୍ଘ ୨୮ଟି ନଦୀ ଏବଂ ଅନ୍ୟାନ୍ୟ ଜଳପଥ ସର୍ଭେ କରାଯାଇ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ ଉତ୍ତରପ୍ରଦେଶରେ ସର୍ବାଧିକ ଡଲଫିନ୍ ଥିବା ବେଳେ

ଦ୍ୱିତୀୟରେ ବିହାର, ତୃତୀୟରେ ପଶ୍ଚିମବଙ୍ଗ ଏବଂ ଆସାମ ଚତୁର୍ଥ ସ୍ଥାନରେ ରହିଛି ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ଜୁନାଗଡ଼ ଠାରେ ବନ୍ୟପ୍ରାଣୀଙ୍କ ନିମନ୍ତେ ଜାତୀୟ ରେଫରାଲ୍ କେନ୍ଦ୍ର ଲାଗି ଶିଳାନ୍ୟାସ କରିଛନ୍ତି । ବନ୍ୟଜନ୍ତୁଙ୍କ ସ୍ୱାସ୍ଥ୍ୟ ଏବଂ ରୋଗ ପରିଚାଳନା କ୍ଷେତ୍ରକୁ ଅଧିକ ସୁ-ସଂହତ କରିବା ଦିଗରେ ଏହି କେନ୍ଦ୍ର କାର୍ଯ୍ୟ କରିବ । ସେହିଭଳି ପ୍ରଧାନମନ୍ତ୍ରୀ ଷୋଡଶ ସିଂହ ସଂଖ୍ୟା ଆକଳନ ରିପୋର୍ଟ୍‌କୁ ମଧ୍ୟ ଉନ୍ମୋଚନ କରିଛନ୍ତି ।

ପ୍ରଧାନମନ୍ତ୍ରୀ ବନ୍ୟଜନ୍ତୁ ସଂରକ୍ଷଣ କ୍ଷେତ୍ରରେ ଇକୋ ପର୍ଯ୍ୟଟନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିବା ସହିତ ବନ୍ୟଜନ୍ତୁ ପର୍ଯ୍ୟଟନ ଲାଗି ସଂଯୋଗୀକରଣ ବ୍ୟବସ୍ଥାକୁ ଅଧିକ ସଶକ୍ତ କରିବା ଉପରେ ଜୋର୍ ଦେଇଛନ୍ତି । ମାନବ ଓ ବନ୍ୟଜନ୍ତୁ ଦ୍ୱନ୍ଦ୍ୱକୁ ସଫଳ ଭାବେ ପରିଚାଳନା କରିବା ଲାଗି କୋଏମ୍ବାଟୁର ସ୍ଥିତ ଭାରତୀୟ ବନ୍ୟଜନ୍ତୁ ପ୍ରତିଷ୍ଠାନ ପରିସରରେ ଏକ ଉତ୍କର୍ଷ କେନ୍ଦ୍ର ସ୍ଥାପନ ଲାଗି ଶ୍ରୀ ମୋଦୀ ଏହି ଅବସରରେ ଘୋଷଣା କରିଛନ୍ତି ।

## ନବରତ୍ନ-ଷ୍ଟାଟସ୍

ଭାରତୀୟ ରେଳବାଇ ଅର୍ଥ ନିଗମ – ଆଇ.ଆର୍.ଏଫ୍.ସି. ଏବଂ ଭାରତୀୟ ରେଳବାଇ କ୍ୟାଟେରିଂ ଓ ପର୍ଯ୍ୟଟନ ନିଗମ –

ଆଇ.ଆର୍.ସି.ଟି.ସି.କୁ କେନ୍ଦ୍ର ସରକାର ନବରତ୍ନର ସ୍ୱୀକୃତି ପ୍ରଦାନ କରିଛନ୍ତି । ରେଳ ମନ୍ତ୍ରଣାଳୟ ଅଧୀନରେ କେନ୍ଦ୍ରୀୟ ରାଷ୍ଟ୍ରାୟତ ଉଦ୍ୟୋଗ ଭାବେ କାର୍ଯ୍ୟରତ ଆଇ.ଆର୍.ଏଫ୍.ସି.ର ବାର୍ଷିକ ବ୍ୟବସାୟିକ ପରିମାଣ ୨୬ ହଜାର କୋଟି ଟଙ୍କା ଥିବା ବେଳେ ଅନୁରୂପ ଭାବେ କାର୍ଯ୍ୟରତ ଆଇ.ଆର୍.ସି.ଟି.ସି.ର ବାର୍ଷିକ ବ୍ୟାବସାୟିକ ପରିମାଣ ୪ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବୋଲି ଜଣାପଡ଼ି ଜଣାପଡ଼ିଛି । ନବରତ୍ନ ସ୍ୱୀକୃତି ମିଳିଥିବାରୁ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ଦୁଇ ରାଷ୍ଟ୍ରାୟତ ଉଦ୍ୟୋଗକୁ ଅଭିନନ୍ଦନ ଜଣାଇଛନ୍ତି ।

## ଏନ୍‌ସିଡବ୍ଲ୍ୟୁ-ସାଇବର ଏଲ୍ ୱାର୍କସପ୍

ଦେଶରେ ମହିଳାମାନଙ୍କର ସୁରକ୍ଷା ଏବଂ ସମ୍ମାନ ବଜାୟ ରଖିବା ଲାଗି କେନ୍ଦ୍ର ସରକାର ଭାରତୀୟ ଆଇନ୍‌କୁ ସଂଶୋଧନ କରିଛନ୍ତି ବୋଲି ଆଇନ୍ ଓ ନ୍ୟାୟ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ୍ କହିଛନ୍ତି । ଆଜି ନୂଆଦିଲ୍ଲୀ ସ୍ଥିତ ବିଜ୍ଞାନ ଭବନ ଠାରେ ଆୟୋଜିତ ମହିଳା ଓ ସାଇବର ସଚେତନତା କାର୍ଯ୍ୟକ୍ରମ ସମ୍ପର୍କିତ ସାଇବର ଆଇନ୍ ଉପରେ ଅନୁଷ୍ଠିତ ଏକ କର୍ମଶାଳାରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଶ୍ରୀ ମେଘୱାଲ୍ କହିଛନ୍ତି, କୃତ୍ରିମ ବୁଦ୍ଧିମତାର ବିଭିନ୍ନ ଆଧୁନିକ କୌଶଳ ପ୍ରୟୋଗ କରାଯାଇ ଦେଶରେ ବର୍ତ୍ତମାନ ମହିଳାମାନଙ୍କ ବିରୁଦ୍ଧରେ ଅନେକ ଅପରାଧ ବୃଦ୍ଧି ପାଇବାରେ ଲାଗିଛି । ତେବେ ଏ ସବୁକୁ ପ୍ରତିହତ କରିବା

ଲାଗି ସରକାର ଆବଶ୍ୟକ ପଦକ୍ଷେପ ନେଉଛନ୍ତି । ସାଇବର କାର୍ଯ୍ୟକଳାପ ପ୍ରତି ସତର୍କ ରହିବା ସହିତ ଏଭଳି ଅଘଟଣ ଘଟିଲେ ତୁରନ୍ତ ଅଭିଯୋଗ ପଞ୍ଜିକରଣ କରିବା ନିମନ୍ତେ ଆଇନ୍ ମନ୍ତ୍ରୀ ମହିଳାମାନଙ୍କୁ ଆହ୍ୱାନ ଦେଇଛନ୍ତି ।

ଦେଶରେ ମହିଳାଙ୍କ ଲାଗି ସାଇବର ଆଇନ୍‌କୁ ଅଧିକ ସଶକ୍ତ କରିବା ଦିଗରେ ୨୦୦ରୁ ଅଧିକ ହୋଇଥିବା ସଂସ୍କାରମୂଳକ ପଦକ୍ଷେପ ଉପରେ ଆଲୋଚନା କରିବା ଲାଗି ଜାତୀୟ ମହିଳା ଆୟୋଗଙ୍କ ଦ୍ୱାରା ଏହି କର୍ମଶାଳା ଆୟୋଜିତ ହୋଇଥିଲା । ଏଥିରେ କର୍ମଶାଳାର ବିଷୟବସ୍ତୁ ସହିତ ସମ୍ପୃକ୍ତ ଥିବା ବିଭିନ୍ନ ପ୍ରତିପକ୍ଷ, ସରକାରୀ ବିଭାଗ, ବେସରକାରୀ ସଂସ୍ଥା ତଥା ଉଚ୍ଚ ଶିକ୍ଷାନୁଷ୍ଠାନର ପ୍ରତିନିଧିମାନେ ଏଥିରେ ଯୋଗଦେଇଥିଲେ ।

## ଜୟଶଙ୍କର-ୟୁକେ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଆସନ୍ତାକାଲିଠାରୁ ବ୍ରିଟେନ୍ ଏବଂ ଆୟରଲାଣ୍ଡକୁ ସରକାରୀ ଗସ୍ତରେ ଯିବେ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ ଦିଆଯାଇଥିବା ସୂଚନା ଅନୁଯାୟୀ ଭାରତ ଏବଂ ବ୍ରିଟେନ୍ ମଧ୍ୟରେ ଏକ ସମନ୍ୱିତ ରଣନୈତିକ ଭାଗିଦାରୀ ରହି ଆସିଛି । ସେହିଭଳି ପ୍ରତିରକ୍ଷା, ସୁରକ୍ଷା, ବାଣିଜ୍ୟ,

ଅର୍ଥନୀତି, ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଜନସମ୍ପର୍କ ଭଳି ବିବିଧ କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ଦ୍ୱିପକ୍ଷିୟ ସମ୍ପର୍କ ସଶକ୍ତ ହୋଇଛି । ଏହି ଗସ୍ତ ଅବସରରେ ଡକ୍ଟର ଜୟଶଙ୍କର ତାଙ୍କର ବ୍ରିଟେନ୍ ପ୍ରତିପକ୍ଷ ଡେଭିଡ୍ ଲାମିଙ୍କ ସମେତ ବ୍ରିଟେନ୍‌ର ଅନ୍ୟାନ୍ୟ ନେତୃବୃନ୍ଦଙ୍କ ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

ସେହିଭଳି ଆୟରଲାଣ୍ଡକୁ ଦୁଇଦିନିଆ ଗସ୍ତରେ ଯାଇ ଡକ୍ଟର ଜୟଶଙ୍କର ତାଙ୍କର ସ୍ଥାନୀୟ ପ୍ରତିପକ୍ଷ ସାଇମର ହ୍ୟାରିସ୍‌ଙ୍କ ସମେତ ଅନ୍ୟାନ୍ୟ ନେତୃବୃନ୍ଦଙ୍କ ସହିତ ଆଲୋଚନା କରିବେ । ଭାରତ ଏବଂ ଆୟରଲାଣ୍ଡ ମଧ୍ୟରେ ଗଣତାନ୍ତ୍ରିକ ମୂଲ୍ୟବୋଧ, ସାଂସ୍କୃତିକ ସମ୍ପର୍କ ଏବଂ କ୍ରମବର୍ଦ୍ଧିଷ୍ଣୁ ଅର୍ଥନୈତିକ ବ୍ୟବସ୍ଥା ଭିତ୍ତିକ ଏକ ବନ୍ଧୁତ୍ୱପୂର୍ଣ୍ଣ ଦ୍ୱିପକ୍ଷିୟ ସମ୍ପର୍କ ରହି ଆସିଛି । ଏହି ଗସ୍ତ ଅବସରରେ ଡକ୍ଟର ଜୟଶଙ୍କର ସେଠାରେ ବସବାସ କରୁଥିବା ଭାରତୀୟ ବଂଶୋଦ୍ଭବଙ୍କ ସହିତ ମଧ୍ୟ ମତବିନିମୟ କରିବାର କାର୍ଯ୍ୟସୂଚୀ ରହିଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

## ଇଣ୍ଡିଆ-ବେଲ୍‌ଜିୟମ୍

ଭାରତ ଓ ବେଲ୍‌ଜିୟମ୍ ମଧ୍ୟରେ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ବିଶେଷ କରି ସାମୁଦ୍ରିକ ସୁରକ୍ଷା ସମ୍ପର୍କରେ ଆଜି ନୂଆଦିଲ୍ଲୀ ଠାରେ

ଦ୍ୱିପକ୍ଷିୟ ଆଲୋଚନା ହୋଇଛି । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ତାଙ୍କର ବେଲ୍‌ଜିୟମ୍ ପ୍ରତିପକ୍ଷ ଥିଓ ଫ୍ରାଙ୍କେନ୍ ଏହି ବୈଠକରେ ଅଂଶଗ୍ରହଣ କରି ଦୁଇ ଦେଶ ମଧ୍ୟରେ ଥିବା ପ୍ରତିରକ୍ଷା ଶିଳ୍ପ ସହଯୋଗକୁ ଅଧିକ ସଶକ୍ତ କରିବା ଦିଗରେ ମତବିନିମୟ କରିଛନ୍ତି । ପ୍ରତିରକ୍ଷା କ୍ଷେତ୍ରରେ ବେଲ୍‌ଜିୟମ୍ କମ୍ପାନୀ ଗୁଡ଼ିକର ପୁଞ୍ଜିନିବେଶକୁ ଶ୍ରୀ ସିଂହ ସ୍ୱାଗତ କରିଛନ୍ତି । ଭାରତରେ ପ୍ରତିରକ୍ଷା ଶିଳ୍ପ କ୍ଷେତ୍ରରେ ନିଜର ସ୍ଥିତିକୁ ଅଧିକ ବିସ୍ତାର କରିବା ଦିଗରେ ବେଲ୍‌ଜିୟମ୍ କମ୍ପାନୀ ଗୁଡ଼ିକ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିପାରିବେ ବୋଲି ସେ କହିଛନ୍ତି । ପ୍ରତିରକ୍ଷା ସହଯୋଗ ବ୍ୟବସ୍ଥାକୁ ଅଧିକ ସଶକ୍ତ କରିବା ଉପରେ ମଧ୍ୟ ଦୁଇ ଦେଶ ନିଜର ସମ୍ମତି ପ୍ରଦାନ କରିଛନ୍ତି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ବୃଦ୍ଧି ପାଉଥିବା ମେଦ ବହୁଳତା ଚିନ୍ତା ଏବଂ ଏହାର ନିରାକରଣ** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ଏଥିରେ ନୂଆଦିଲ୍ଲୀ ଏମ୍‌ସ୍‌ର କାଡିଓଲୋଜି ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡାକ୍ତର ସୌରଭ ଅଗସ୍ତମ ଏବଂ ଡାଏଟିସିଆନ୍ ଡକ୍ଟର ମାଲା ମନରାଲ୍ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ

ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23421050 ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

## ଇସି-ବାଇ ଇଲେକ୍‌ସନ୍

ମହାରାଷ୍ଟ୍ର ବିଧାନସଭା ପରିଷଦର ୫ଟି ଆସନ ନିମନ୍ତେ ଉପନିର୍ବାଚନ ଲାଗି ନିର୍ବାଚନ ଆୟୋଗ ଆଜି କାର୍ଯ୍ୟସୂଚୀ ଘୋଷଣା କରିଛନ୍ତି । ରାଜ୍ୟ ବିଧାନ ପରିଷଦ ସଦସ୍ୟ ଥିବା ଆମାଶ୍ୟା ପାଡ଼ଭି, ପ୍ରବୀଣ ଡାଟ୍‌କେ, ରାଜେଶ ଭିଟେକର, ରମେଶ କାରାଦ ଏବଂ ଗୋପୀଚାନ୍ଦ ପାଦାଲକର ଇତିମଧ୍ୟରେ ରାଜ୍ୟ ବିଧାନସଭାକୁ ନିର୍ବାଚିତ ହୋଇଥିବା ଦୃଷ୍ଟିରୁ ଏହିସବୁ ଆସନ ଖାଲି ପଡ଼ିଛି । ଏଥିଲାଗି ଆସନ୍ତା ୧୦ ତାରିଖ ଦିନ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ବିଜ୍ଞପ୍ତି ଜାରି କରାଯିବ । ଏହି ନିର୍ବାଚନ ନିମନ୍ତେ ମନୋନୟନପତ୍ର ଦାଖଲର ଶେଷ ତାରିଖ ମାର୍ଚ୍ଚ ୧୭ ତାରିଥିବା ବେଳେ ଏହା ପରଦିନ ସେଗୁଡ଼ିକର ଯାଞ୍ଚ୍ କରାଯିବ । ସେହିଭଳି ଆସନ୍ତା ୨୦ ତାରିଖ ହେଉଛି ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିବସ । ଆବଶ୍ୟକ ସ୍ଥଳେ ମାର୍ଚ୍ଚ ୨୭ ତାରିଖ ଦିନ ଏଥିଲାଗି ଭୋଟ୍

ଗ୍ରହଣ କରାଯାଇ ସେହିଦିନ ଗଣତି ମଧ୍ୟ କରାଯିବ ବୋଲି ଆୟୋଗଙ୍କ ପକ୍ଷରୁ କୁହାଯାଇଛି ।

## ଚାମ୍ପିୟନ୍ସ ଟ୍ରଫି

ଆଇସିସି ଚାମ୍ପିୟନ୍ସ ଟ୍ରଫି କ୍ରିକେଟ୍ ପ୍ରତିଯୋଗିତାର ପ୍ରଥମ ସେମିଫାଇନାଲ୍‌ରେ ଆସନ୍ତାକାଲି ଭାରତ ଅଷ୍ଟ୍ରେଲିଆକୁ ଭେଟିବ । ଏହି ମ୍ୟାଚ୍ ଦୁବାଇ ଠାରେ ଭାରତୀୟ ସମୟ ଅପରାହ୍ଣ ୨ଟା ୩୦ ମିନିଟ୍‌ରେ ଆରମ୍ଭ ହେବ । ଗତକାଲି ଦୁବାଇଠାରେ ଅନୁଷ୍ଠିତ ଗ୍ରୁପ୍-ଏ ର ଶେଷ ଲିଗ୍ ମ୍ୟାଚ୍‌ରେ ଭାରତ’ ନ୍ୟୁଜିଲାଣ୍ଡକୁ ୪୪ ରନ୍‌ରେ ପରାସ୍ତ କରିଛି । ଏଥିସହିତ ଭାରତ ଗ୍ରୁପ୍-ଏ ପଏଣ୍ଟ ତାଲିକାର ସର୍ବୋଚ୍ଚ ସ୍ଥାନରେ ରହିଛି । ସେହିଭଳି ଆସନ୍ତା ବୁଧବାର ଦିନ ଲାହୋର ଠାରେ ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟର  ଦ୍ୱିତୀୟ ସେମିଫାଇନାଲ୍‌ରେ ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ମୁକାବିଲା ହେବ । ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍ ଆସନ୍ତା ରବିବାର ଦିନ ଅନୁଷ୍ଠିତ ହେବ ।